ଓୟୁଏଟି ପବ୍ଲିକେଶନ୍ ସଂଖ୍ୟା : ୨୦୨୩୧୨୦୦୭୫

# ଜୀବିକାର ମାନବୃଦ୍ଧି ନିମନ୍ତେ

# ମାଣ୍ଡିଆ ଚାଷ




ଲେଖକ:

**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**
**ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

# ଜୀବିକାର ମାନବୃଦ୍ଧି ନିମନ୍ତେ ମାଣ୍ଡିଆ ଚାଷ




: ଲେଖକ :

**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର**
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟ ବସ୍ତୁ : ଡଃ ସଂଜୀବ କୁମାର ମାଣ୍ଡି
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୩୧୨୦୦୭୫
2023120075

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ୨୦୨୩-୨୪

# ଜୀବିକାର ମାନ ବୃଦ୍ଧି ନିମନ୍ତେ
# ମାଣ୍ଡିଆ ଚାଷ

ମାଣ୍ଡିଆ ଏକ କ୍ଷୁଦ୍ର ଶସ୍ୟ ଜାତୀୟ ଫସଲ । ଏହା ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମୁଖ୍ୟ ଖାଦ୍ୟ । ମାଣ୍ଡିଆ ଶସ୍ୟରେ ପ୍ରଚୁର ପରିମାଣରେ ପୁଷ୍ଟିସାର ଓ ଉପକାରୀ ତନ୍ତୁ ରହିଥାଏ । ଏଥିରେ କ୍ୟାଲ୍‌ସିୟମ୍, ପଟାସିୟମ୍, ଲୌହ, ଖଣିଜଲବଣ ଥିବା ସହିତ ଅଧିକ ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ । ଅଧିକ ତନ୍ତୁ ଜାତୀୟ ପଦାର୍ଥ ଥିବାରୁ ଏହା କୋଷ୍ଠକାଠିନ୍ୟ କରେନାହିଁ । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ମଧୁମେହ, ଉଚ୍ଚ ରକ୍ତଚାପ, ଆଜ୍‌ମା, ଯକୃତ ଓ ହୃଦୟ ସମସ୍ୟା ଭୋଗୁଥିବା ଲୋକଙ୍କ ପାଇଁ ବହୁ ଉପଯୋଗୀ ।

ଗଜପତି ଜିଲ୍ଲାର ମୃତ୍ତିକା ଓ ଜଳବାୟୁ ମାଣ୍ଡିଆ ଚାଷ ପାଇଁ ଉପଯୁକ୍ତ । ଏଠାରେ ପ୍ରାୟ ୯୨୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥାଏ । ପାରମ୍ପରିକ ପଦ୍ଧତିରେ କରାଯାଉଥିବା ମାଣ୍ଡିଆ ଚାଷରୁ ହେକ୍ଟର ପ୍ରତି ପ୍ରାୟତଃ ୯.୩୧ କ୍ୱିଣ୍ଟାଲ୍ ଅମଳ ମିଳିଥାଏ, ଯାହାକି ଜାତୀୟ ହାର ଠାରୁ ବହୁତ କମ୍ । ତେବେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ମାଣ୍ଡିଆ ଫସଲରୁ ଅଧିକରୁ ଅଧିକ ଅମଳ ମିଳିପାରିବ ଏବଂ ଚାଷୀଭାଇମାନେ ଅଧିକ ଲାଭ ପାଇପାରିବେ । ଏହାଦ୍ୱାରା ଉନ୍ନତଶୈଳୀରେ ଜୀବନ ଜୀଇଁବା ସହିତ ସେମାନଙ୍କ ଜୀବିକାର ମାନ ମଧ ବୃଦ୍ଧି ପାଇବ । ଅତଏବ ଏହି ପରିପ୍ରେକ୍ଷୀରେ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

**ମୃତ୍ତିକା :**

ନିଗିଡ଼ା ଓ ଦୋରସା ମାଟିରେ ମାଣ୍ଡିଆ ଚାଷ ଭଲ ହୁଏ । ପାଣି ଜମି ରହୁଥିବା ସନ୍ତସନ୍ତିଆ ଜମି ବ୍ୟତୀତ ଅନ୍ୟ ସବୁ ପ୍ରକାରର ଜମିରେ ମାଣ୍ଡିଆ ଚାଷ କରାଯାଇପାରିବ ।

**ଜଳବାୟୁ :**

ମାଣ୍ଡିଆ ଉଷ୍ଣ ଜଳବାୟୁରେ ଭଲ ହୋଇଥାଏ । ମଞ୍ଜି ଗଜା ହେବା ପାଇଁ ୮-୧୦ ଡିଗ୍ରୀ ସେଣ୍ଟିଗ୍ରେଡ଼ ତାପମାତ୍ରା ଆବଶ୍ୟକ । ବାୟୁମଣ୍ଡଳର ହାରାହାରି

ତାପମାତ୍ରା ୨୬-୨୯ ଡିଗ୍ରୀ ସେଣ୍ଟିଗ୍ରେଡ଼ ରହିଲେ ଗଛର ବୃଦ୍ଧି ଅଧିକ ହେବା ସହିତ ଭଲ ଅମଳ ମିଳିଥାଏ ।

**ବିହନ :**

ମାଣ୍ଡିଆର ଅନେକ ଉନ୍ନତ କିସମ ରହିଛି । ତେବେ ଆମ ଜିଲ୍ଲା ପାଇଁ ଉପଯୁକ୍ତ ଉନ୍ନତ ଓ ଅଧିକ ଅମଳକ୍ଷମ କିସମଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

| କିସମ | ଅବଧି (ଦିନ) | ବିଶେଷ ଗୁଣ |
|---|---|---|
| ଦିବ୍ୟସିଂହ | ୮୫-୯୦ | କାଣ୍ଡବିନ୍ଧା ପୋକ ଓ ମହିଷା ରୋଗ ନିରୋଧକ |
| ଅର୍ଜୁନ(OEB-526) | ୯୦-୧୦୦ | ଈଷତ୍ ଲାଲ୍ ରଙ୍ଗର ମଞ୍ଜି, ମହିଷା ରୋଗ ସହଣୀ |
| କାଳୁଆ(OEB-523) | ୧୧୦-୧୧୫ | ଧୂସର ରଙ୍ଗର ମଞ୍ଜି, ମହିଷା ରୋଗ ସହଣୀ |
| ଭୈରବୀ | ୧୦୫-୧୦୮ | ଦାନା ଧୂସର ରଙ୍ଗର, ମହିଷା ରୋଗ ସହଣୀ |
| ଚିଲିକା(OEB-10) | ୧୧୦-୧୧୫ | ଦାନା ଧୂସର ରଙ୍ଗର, ଅଧିକ ଅମଳକ୍ଷମ |
| ସ୍ୱର୍ଣ୍ଣ | ୧୦୦-୧୦୫ | ଦାନା ଧଳା ରଙ୍ଗର |
| ଶୁଭ୍ରା | ୧୦୦-୧୧୫ | ଦାନା ଧଳା ରଙ୍ଗର, ମହିଷା ରୋଗ ସହଣୀ |

**ବିହନ ବୁଣିବା ସମୟ :**

ବର୍ଷରେ ୩ ଥର ମାଣ୍ଡିଆ ବୁଣାଯାଏ ଓ ରୁଆଯାଏ । ଜୁନ୍ ମାସ ପ୍ରଥମ ବା ଦ୍ୱିତୀୟ ସପ୍ତାହ ମଧ୍ୟରେ, ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ ବିହନ ବୁଣିବା ଉଚିତ୍ ।

## ବିହନ ପରିମାଣ ଓ ବିଶୋଧନ :

ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ କିଲୋଗ୍ରାମ୍ ପ୍ରତି ୨-୩ ଗ୍ରାମ୍ କ୍ୟାପ୍ଟାନ୍ ଥିବାରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରିବା ଉଚିତ୍ ।

## ଜମି ପ୍ରସ୍ତୁତି :

ଜମିକୁ ୨ ରୁ ୩ ଓଡ଼ଚାଷ କରିବା ଉଚିତ । ଶେଷ ଓଡ଼ଚାଷ ସମୟରେ ଏକର ପ୍ରତି ୫-୬ ଗାଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ମିଶାଇ ଦେବା ଉଚିତ । ମାଟିରେ ବତର ଥିବା ସମୟରେ ଧାଡ଼ିକୁ ଧାଡ଼ି ୨୦-୨୫ ସେ.ମି. ବ୍ୟବଧାନରେ ଓ ୩-୪ ସେ.ମି. ଗଭୀରରେ ବିହନ ବୁଣି ମଇ ଦେବା ଉଚିତ ।

## ତଳିଘରା ପ୍ରସ୍ତୁତି :

ମାଣ୍ଡିଆ ରୋଇଲେ ଭଲ ଅମଳ ମିଳିଥାଏ । ୧ ଏକର ଜମିରେ ମାଣ୍ଡିଆ ରୋଇବା ପାଇଁ ୫ ଡେସିମିଲ୍ (୨୦୦ ବର୍ଗ ମିଟର) ଜମିରେ ତଳି ପକାଇବା ଉଚିତ । ତଳି ପଟାଳିରେ ୨ କି.ଗ୍ରା. ଯବକ୍ଷାରଜାନ, ୨ କି.ଗ୍ରା. ଫସ୍‌ଫରସ୍ ଓ ୫୦-୧୦୦ କି.ଗ୍ରା. ସଢ଼ା ଗୋବର ଖତ ବା କମ୍ପୋଷ୍ଟ ଭଲ ଭାବରେ ମିଶାଇ ଦିଆଯାଏ । ପଟାଳିରେ ୩ ଇଞ୍ଚ ବ୍ୟବଧାନରେ ଓ ଅଧ ଇଞ୍ଚ ଗଭୀରରେ ଧାଡ଼ିରେ ବିହନ ବୁଣିବା ଉଚିତ । ତଳିଘରାରେ ଗଛ ଉଠିବା ପରେ ଘାସ ବାଛି ୟୁରିଆ ସାର କିଛି ପରିମାଣରେ ପ୍ରୟୋଗ କଲେ ଗଛ ଶୀଘ୍ର ବଢ଼େ । ତଳିଘରାରେ ପୋକ ଲାଗଲେ ପ୍ରତି ବର୍ଗମିଟର ପିଛା ୩ ଗ୍ରାମ୍ କାର୍ବୋଫ୍ୟୁରାନ୍ ଦାନାଦାର ବିଷ ପ୍ରୟୋଗ କରିବା ଉଚିତ୍ । ୨୫ରୁ ୩୦ ଦିନର ତଳି ପୂର୍ବପ୍ରସ୍ତୁତ ଜମିରେ ରୁଆଯାଏ ।

## ତଳିରୁଆ :

ଧାନ ପରି ମାଣ୍ଡିଆ ତଳି ରୋଇବା ପାଇଁ ଜମିକୁ କାଦୁଅ କରିବାକୁ ପଡ଼େ ନାହିଁ । ମାଟିର ବତର ଦେଖି ୨-୩ ଓଡ଼ ଲୁହା ଲଙ୍ଗଳରେ ହଳ କରି

ମାଣ୍ଡିଆ ରୁଆଯାଏ । ଧାଡ଼ିକୁ ଧାଡ଼ି ୨୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଦା ପ୍ରତି ଦୁଇଟି ଲେଖାଏଁ ତଳି ୩ ସେ.ମି. ଗଭୀରରେ ରୋଇବା ଉଚିତ ।

## ଖତ ଓ ସାର ପ୍ରୟୋଗ :

ମାଟି ପରୀକ୍ଷା କରି ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁସାରେ ଅନୁମୋଦିତ ସାର ପ୍ରୟୋଗ କରିବା ଉଚିତ । ଏକର ପ୍ରତି ୨ ଟନ୍ ଗୋବରଖତ ସହିତ ୧୬ କି.ଗ୍ରା. ଯବକ୍ଷାରଜାନ, ୮ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ସାର ଆବଶ୍ୟକ ହୋଇଥାଏ । ବିହନ ବୁଣିବା ବା ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ସାର ଦେବା ଉଚିତ । ଅବଶିଷ୍ଟ ୫୦ ଭାଗ ଯବକ୍ଷାରଜାନ ବୁଣିବାର ୨୧ ଦିନ ପରେ ପ୍ରୟୋଗ କରି କୋଡ଼ାଖୋସା କରି ଘାସ ବାଛିବା ଉଚିତ ।

## ଘାସ ପରିଚାଳନା :

ମାଣ୍ଡିଆ ଫସଲରେ ଅନାବନା ଘାସ, ଗଛ ସହ ପ୍ରତିଦ୍ୱନ୍ଦିତା କରି ଅମଳ କମାଇ ଦେଇଥାନ୍ତି । ତେଣୁ ମଞ୍ଜି ବୁଣିବାର କିମ୍ବା ତଳି ରୋଇବାର ୨-୩ ସପ୍ତାହ ପରେ ହାତରେ ଘାସ ବଛାବଛି କରିବା ଉଚିତ । ନଚେତ୍ ଘାସବଛା ଯନ୍ତ୍ର ସାହାଯ୍ୟରେ ଘାସ ବାଛି ଦ୍ୱିତୀୟ ଦଫା ଯବକ୍ଷାରଜାନ ସାର ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ । ରୁଆ ମାଣ୍ଡିଆ ଫସଲରେ ଘାସମରା ଔଷଧି ବ୍ୟୁଟାକ୍ଲୋର୍ କିମ୍ବା ପେଣ୍ଡିମେଥାଲିନ୍‌କୁ ହେକ୍ଟର ପିଛା ୨ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ଜମିରେ ବତର ଥିବା ସମୟରେ ରୋଇବାର ୩ ଦିନ ମଧ୍ୟରେ ସିଞ୍ଚନ କରିବା ଉଚିତ୍ ।

## ଜଳସେଚନ :

ମାଣ୍ଡିଆ ଫସଲ କମ୍ ପାଣି ଆବଶ୍ୟକ କରିଥାଏ । ତେବେ ଭଲ ଅମଳ ପାଇବା ପାଇଁ ଯଥାକ୍ରମେ ତଳି ରୋଇବା, ପିଲ ଦେବା, ଥୋଡ଼ ହେବା, ଫୁଲ ଉଡ଼ାଇବା ଏବଂ କ୍ଷୀର ଢୋକିବା ଆଦି ପାଞ୍ଚଟି ସଂକଟ କାଳ ସମୟରେ ଜଳସେଚନ କରିବା ଆବଶ୍ୟକ ।

## ରୋଗପୋକ ପରିଚାଳନା :

ସାଧାରଣତଃ ମାଣ୍ଡିଆରେ କମ୍ ରୋଗ ଓ ପୋକ ଦେଖାଯାଇଥାଏ । ମୁଖ୍ୟତଃ ଦୁଇ ପ୍ରକାରର ରୋଗ ଯଥା ମହିଷାରୋଗ ଏବଂ ଟୀକା ରୋଗ ଦେଖାଯାଏ । ସେହିପରି କାଣ୍ଡବିନ୍ଧା ପୋକ, ଜଉପୋକ, ପତ୍ରଖିଆ ପୋକ ଦେଖାଯାଏ ।

## ମହିଷା ରୋଗ :

ପତ୍ରରେ ଲମ୍ବାଳିଆ ଡାକୁଡ଼ା ଆକାରର ଧୂସର ବର୍ଣ୍ଣର ଚିହ୍ନ ଚାରିପାଖରେ ହଳଦିଆ ବଳୟ ଦେଖାଯାଏ । କେଣ୍ଡାଗୁଡ଼ିକ ଅଗାଡ଼ି ହୋଇଯାଏ ଏବଂ ଦାନାସବୁ ଶୁଖିଯାଏ ।

## ପରିଚାଳନା :

ଫସଲରେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁପି (୩୦୦ ଗ୍ରାମ୍/ଏକର) ତଳିଘରାରେ ଏବଂ କେଣ୍ଡା ବାହାରିବା ସମୟରେ ସ୍ପ୍ରେ କରାଯାଏ ।

## ଟୀକା ରୋଗ :

ଗଛର ତଳ ପତ୍ରରେ ବାଦାମୀ ରଙ୍ଗର ଲମ୍ବାଳିଆ ଦାଗ ଦେଖାଯାଏ ଯାହାଦ୍ୱାରା କେଣ୍ଡା ଛୋଟ ହୋଇ ଅମଳ କମିଯାଏ ।

## ପରିଚାଳନା :

ଫସଲରେ ଜିନେବ ୭୮ ଡବ୍ଲ୍ୟୁପି (୭୫୦ ଗ୍ରାମ୍/ଏକର) ସ୍ପ୍ରେ କରିବା ଉଚିତ୍ ।

## କାଣ୍ଡବିନ୍ଧା ପୋକ :

ଗୋଲାପି ରଙ୍ଗର ଶୂକଗୁଡ଼ିକ କାଣ୍ଡକୁ କଣା କରି ଖାଇବାରୁ ମଞ୍ଜି, ପତ୍ର ଶୁଖିଯାଏ । କେଣ୍ଡା ସମୟରେ ଆକ୍ରମଣ କଲେ କେଣ୍ଡା ଶୁଖିଯାଏ ।

## ପରିଚାଳନା :

ଫସଲରେ ମନୋକ୍ରୋଟୋଫସ୍ ୩୬ ଏସ୍.ଏଲ୍. (୪୦୦ ମି.ଲି./ଏକର) କିମ୍ବା ଟ୍ରାଇଜୋଫସ୍ ୪୦ ଇସି (୪୦୦ ମି.ଲି./ଏକର) ସ୍ପ୍ରେ କରାଯାଏ ।

**ଜଉପୋକ :**

ଜଉପୋକ ତଳିଘରା ଓ ମୁଖ୍ୟ ଜମିରେ ଗଛରୁ ରସ ଶୋଷି ଖାଇବା ଦ୍ୱାରା ଗଛ ହଳଦିଆ ପଡ଼ିଯାଏ ଏବଂ କେଣ୍ଡା ଶୁଖିଯାଏ ।

**ପରିଚାଳନା :**

ଫସଲରେ ଡାଇମିଥୋଏଟ୍ ୩୦ ଇ.ସି. (୪୦୦ ମି.ଲି./ଏକର) ସ୍ପ୍ରେ କରିବା ଉଚିତ୍ ।

**ପତ୍ରଖିଆ ପୋକ :**

ଧଳା ରଙ୍ଗର ଶୁକ ର ଦେହରେ ଅନେକ ଲୋମ ଥାଏ । ମୁଣ୍ଡ ଓ ଦେହରେ ନାଲିଦାଗ ଦେଖାଯାଏ । ଏମାନେ ପତ୍ର ଓ କେଣ୍ଡା ଖାଆନ୍ତି ।

**ପରିଚାଳନା :**

ଫସଲରେ କ୍ଲୋରୋପାଇରିଫସ୍ ୨୦ ଇସି (୪୦୦ ମି.ଲି./ଏକର) ସ୍ପ୍ରେ କରିବା ଉଚିତ୍ ।

**ଅମଳ :**

ମାଣ୍ଡିଆ ପାକଳ ହୋଇଗଲେ ଥୋପଗୁଡ଼ିକ ପାଚି ହଳଦିଆ ଅଥବା ଲାଲ୍ ପଡ଼ିଲେ ଅମଳ କରିବା ଉଚିତ୍ । ତେବେ ସବୁଯାକ ଥୋପ ଏକ ସମୟରେ ପାଚିନଥାଏ । ତେଣୁ ପାଚିବା ଅନୁସାରେ ଗୋଟିଏ ଜମିରୁ ୩ ରୁ ୪ ଥରରେ ଥୋପ ଛିଣ୍ଡାଇ ଅମଳ କରିଲେ ମୋଟ ଆୟ ଅଧିକ ହେବା ସହିତ ମାଣ୍ଡିଆର ମାନ ବଢ଼ିଥାଏ । ତିନି-ଚାରି ଦିନ ଟାଣଖରାରେ ଶୁଖାଇ ବେଙ୍ଗଳା କରି କୁଲାରେ ପାଛୁଡ଼ି ମାଣ୍ଡିଆ ଅମଳ କରାଯାଏ । ଉନ୍ନତ ପ୍ରଣାଳୀରେ ଚାଷ କରିବା ସହିତ ଅଧିକ ଅମଳକ୍ଷମ କିସମ ବ୍ୟବହାର କରିଲେ ଏକର ପ୍ରତି ୧୪ ରୁ ୧୫ କ୍ୱିଣ୍ଟାଲ୍ ମାଣ୍ଡିଆ ଅମଳ ହୋଇଥାଏ ।

କଥାରେ ଅଛି :-

"ମାଣ୍ଡିଆ ଚାଷରୁ ଭଲ ଆୟ
ଚାଷୀଙ୍କ ନଥାଏ ଅର୍ଥ ଭୟ ।"








2023120075

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
email - kvk.gajapati@ouat.ac.in

भाकृअनुप
ICAR